بِسۡمِ اللّٰہِ الرَّحۡمٰنِ الرَّحِیۡمِ

## ୨୨ ନଭେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ସୁଲ୍‌ହା ହୁଦେବିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ବିଶ୍ୱର ଉତ୍କଟ ପରିସ୍ଥିତି ଦୃଷ୍ଟି କୋଣରୁ (ସଦସ୍ୟବୃନ୍ଦଙ୍କୁ) ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଦୁଆ କରିବାକୁ ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ସୁଲ୍‌ହା ହୁଦେବିୟାର ଘଟଣାକ୍ରମର ଚର୍ଚ୍ଚା ଚାଲିଥିଲା । ସେଥି ସଂକ୍ରାନ୍ତରେ ବୁଦେଲ୍ ବିନ୍ ଓ୍ୱର୍‌କା ଖୁଜଈ ଓ କୁରୈଶର ଅନ୍ୟାନ୍ୟ (ପ୍ରମୁଖ) ବାର୍ତ୍ତାବହମାନେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ନିକଟକୁ ଆସିବାର ବର୍ଣ୍ଣନା ମିଳୁଅଛି । ଏହାର ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ଯେତେବେଳେ ହୁଜୁରସ.ଅ ହୁଦେବିୟା ଉପତ୍ୟାକା ନିକଟରେ ପହଞ୍ଚି ଶିବିର ଲଗାଇ ସାରିଥିଲେ ସେତେବେଳେ ଖଜା କବିଲାର ଖ୍ୟାତନାମା ବ୍ୟକ୍ତି ବୁଦେଲ୍ ବିନ୍ ଓ୍ୱର୍‌କା ନିଜର କିଛି ସାଥୀମାନଙ୍କୁ ସାଙ୍ଗରେ ଧରି ହୁଜୁର ସ.ଅଙ୍କୁ ସାକ୍ଷାତ କରିବାକୁ ଆସିଲା ଏବଂ ସେ ହୁଜୁର ସ.ଅଙ୍କୁ କହିଲା; ମକ୍କାର ଧନାଢ଼୍ୟ ଲୋକମାନେ ଆପଣ ସ.ଅଙ୍କ ସହିତ ଯୁଦ୍ଧ କରିବାକୁ (ଅଣ୍ଟା ଭିଡ଼ି) ବସିଛନ୍ତି । ସେମାନେ କୌଣସି ମତେ ଆପଣ ସ.ଅଙ୍କୁ ମକ୍କାରେ ପ୍ରବେଶ କରିବାକୁ ଦେବେ ନାହିଁ । ଏଥିରେ ହୁଜୁରସ.ଅ ତାକୁ କହିଲେ; ଆମେ ତ ଯୁଦ୍ଧ କରିବା ଉଦ୍ଦେଶ୍ୟରେ ଆସି ନାହୁଁ, ବରଂ ଆମେ ଉମ୍‌ରା କରିବାକୁ ଆସିଛୁ । ଦୁଃଖଦ ଯେ, କୁରୈଶ ମକ୍କାବାସୀଙ୍କୁ ଯୁଦ୍ଧର ଅଗ୍ନି ଜାଳିପୋଡ଼ି ଭସ୍ମୀଭୂତ କରିଦେଇଛି । କିନ୍ତୁ ତଥାପି ସେମାନଙ୍କର ହେଜ ପସି ନାହିଁ ଏବଂ ସେମାନେ (ଯୁଦ୍ଧ) କରିବାରୁ ବିରତ ରହୁ ନାହାନ୍ତି । ମୁଁ ତ ସେମାନଙ୍କ ସହିତ ଏହି ଚୁକ୍ତି କରିବା ପାଇଁ ପ୍ରସ୍ତୁତ ଅଛି ଯେ, ମୋ ବିରୁଦ୍ଧରେ ଯୁଦ୍ଧ କରିବା ବନ୍ଦ କରି ମୋତେ ଅନ୍ୟ ଲୋକମାନଙ୍କ ସକାଶେ ମୁକ୍ତ ଛାଡ଼ି ଦିଅନ୍ତୁ । କିନ୍ତୁ ଯଦି ସେମାନେ ମୋର ଏହି ପ୍ରସ୍ତାବକୁ ବି ରଦ୍ଦ କରିଦିଅନ୍ତି ଏବଂ ମୋ ସହିତ ଯୁଦ୍ଧ କରିବାକୁ ଅଡ଼ି ବସିଲେ ତେବେ ମୁଁ ସେହି ପରମ ସତ୍ତାଙ୍କ ଶପଥ କରି କହୁଅଛି, ଯାହା ହସ୍ତରେ ମୋର ଜୀବନ ନାଟିକା ରହିଛି ! ମୁଁ ସେମାନଙ୍କ ମୁକାବିଲା କରିବାରୁ ସେପର୍ଯ୍ୟନ୍ତ ପଛକୁ ହଟିବି ନାହିଁ ଯେପର୍ଯ୍ୟନ୍ତ ମୁଁ ଏହି ମାର୍ଗରେ ଦେହ ତ୍ୟାଗ କରି ଦେଇ ନାହିଁ ଅଥବା ପରମେଶ୍ୱର ମୋତେ ବିଜୟ ମଣ୍ଡିତ କରି ଦେଇ ନାହାନ୍ତି । ଆଉ ଯଦି ମୁଁ ସେମାନଙ୍କ ମୁକାବିଲାରେ ଶହିଦ୍ ହୋଇଗଲି ତେବେ ତ କାହାଣୀ ଶେଷ ହୋଇଯିବ । **କିନ୍ତୁ ଯଦି ପରାକ୍ରମୀ ପରମେଶ୍ୱର ମୋତେ ବିଜୟ ମଣ୍ଡିତ କଲେ ଏବଂ ମୋ ଧର୍ମକୁ ସମୃଦ୍ଧି ପ୍ରଦାନ କଲେ ତେବେ ତ ମକ୍କାବାସୀଙ୍କୁ ମୋ ଉପରେ ବିଶ୍ୱାସ ଆଣିବାରେ କୌଣସି ପ୍ରକାର ଅମନୋଯୋଗ ପ୍ରକଟ କରିବା ଉଚିତ୍ ନୁହେଁ ।**

ବୁଦେଲ୍ ବିନ୍ ଓ୍ୱର୍‌କାକୁ ନବୀଶିରୋମଣୀ ସ.ଅଙ୍କର ଏହି ନିଷ୍କାପର ଓ ହୃଦୟସ୍ପର୍ଶୀ ଅଭିଭାଷଣ ବେଶ୍ ପ୍ରଭାବିତ କଲା । ଅତଏବ ସେ ମକ୍କା ଫେରିଯାଇ କୁରୈଶ୍‌ଙ୍କୁ ହଜରତ ମୁହମ୍ମଦ ସ.ଅଙ୍କର ଏହି ସନ୍ଧି କରିବା ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କଲା । ଏଥିରେ ଜଣେ ବ୍ୟକ୍ତି ଉର୍‌ଓା ବିନ୍ ମସଉଦ୍ ଯେ କି ସକିଫ୍ କବିଲାର ନାମୀ ଓ ସୁପ୍ରସିଦ୍ଧ ଧନାଢ଼୍ୟ (ବ୍ୟକ୍ତି) ଥିଲା, ସେ କହିଲା; ଆପଣମାନଙ୍କୁ ଆବଶ୍ୟକ ଯେ, ଏହି ପରାମର୍ଶକୁ ସ୍ୱୀକାର କରିନିଅ ଏବଂ ମୋତେ ଅନୁମତି ଦିଅ ଯେ ମୁଁ ଆପଣମାନଙ୍କ ପ୍ରତିନିଧି ରୂପେ ଯାଇ ମୁହମ୍ମଦ ସ.ଅଙ୍କ ସହିତ ଅଧିକ ଆଲୋଚନା କରି ଆସିବ ।

ଏପରି ସେ ଯାଇ ମକ୍କାବାସୀଙ୍କର ପ୍ରତାପ ବଖାଣି ହୁଜୁର[ସ.ଅ] ଓ ସାହାବା [ର.ଅ]ଙ୍କୁ ଆତଙ୍କିତ କରିବାକୁ ଚେଷ୍ଟା କଲା କିନ୍ତୁ ଉର୍‌ଓ୍ୱା ଦେଖିଲା କି ଯେତେବେଳେ ମଧ୍ୟ ହୁଜୁର[ସ.ଅ] ଛାପ ପକାଉଛନ୍ତି ସାହାବା[ର.ଅ] ତାହାକୁ ଉଠାଇ ନେଇ ନିଜ ମୁଖ ଓ ଛାତିରେ ବୋଳି ହୋଇଯାଉଛନ୍ତି । ଯେତେବେଳେ ହୁଜୁର[ସ.ଅ] ସାହାବାମାନଙ୍କୁ କୌଣସି (କାର୍ଯ୍ୟ କରିବାକୁ) ଆଦେଶ ଦେଉଛନ୍ତି ସେତେବେଳେ ସାହାବାମାନେ ତାହା ତତ୍‌କ୍ଷଣାତ ସମ୍ପାଦନ କରି ଦେଉଛନ୍ତି । ଯେତେବେଳେ ହୁଜୁର[ସ.ଅ] ଓ୍ୱଜୁ କରୁଥିଲେ ସାହାବା ସେହି (ବଳକା) ଜଳକୁ ସଂଗ୍ରହ କରିବାକୁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦିତା କରୁଥିଲେ ଏବଂ ଆପଣଙ୍କର କୌଣସି ପବିତ୍ର କେଶକୁ ତଳେ ପଡ଼ିବାକୁ ଦେଉ ନଥିଲେ । ନା ହୁଜୁର [ସ.ଅ]ଙ୍କ ସମ୍ମୁଖରେ ଉଚ୍ଚସ୍ୱରରେ କଥା କହୁଥିଲେ ଏବଂ ଆପଣ [ସ.ଅ]ଙ୍କ ସମ୍ମାନ ରକ୍ଷା ସ୍ୱରୂପ ଆପଣ [ସ.ଅ]ଙ୍କୁ କଣେଇ ଚାହୁଁ ନଥିଲେ । ସେଥିଅନ୍ତେ ଉର୍‌ଓ୍ୱା କୁରେଶ୍ ନିକଟକୁ ଫେରି ଆସି କହିଲା, ହେ ମୋ ଜାତିଭାଇମାନେ ! ମୁଁ ଦୂତ ହୋଇ ରାଜା ମହାରାଜାଙ୍କ ଦରବାର ଯେପରି ଇରାନ୍, ରୋମ୍ ଓ ନଜାସିଙ୍କର ଦରବାରରେ ଉପସ୍ଥିତ ହୋଇ ତାଙ୍କୁ ଖୁବ୍ (ନିକଟରୁ) ଦେଖିଛି । **ଈଶ୍ୱରଙ୍କ ରାଣ ! ମୁଁ ଏପରି କଦାପି କୌଣସି ସମ୍ରାଟ ଦେଖି ନାହିଁ, ଯାହାର ଏପରି ଆଜ୍ଞା ପାଳନ କରାଯାଉ ଥିବ ଯେପରି ହଜରତ ମୁହମ୍ମଦ [ସ.ଅ]ଙ୍କର ସାହାବାମାନେ ଆଜ୍ଞା ପାଳନ କରୁଛନ୍ତି ।** ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଦେଖ ଉର୍‌ଓ୍ୱା ଏହି ଉଦ୍ଦେଶ୍ୟ ନେଇ ଆସିଥିଲା ଯେ, ସେ ହୁଜୁର [ସ.ଅ]ଙ୍କ ଉପରେ ଅମାନ୍ୟକାରୀଙ୍କ ଶୌର୍ଯ୍ୟ ବଖାଣି ତାଙ୍କୁ ଭୟଭୀତ କରିଦେବ କିନ୍ତୁ ତାହା ବିପରୀତ ସେ ଏସବୁ ଦୃଶ୍ୟ ଦେଖି ସ୍ୱୟଂ ପ୍ରଭାବିତ ହୋଇ ସେଠାରୁ ଫେରିଲା ଏବଂ ସେହି କଥା ଯାଇ ସେ ନିଜ ଅମାନ୍ୟକାରୀ ସାଥୀମାନଙ୍କୁ କହିଲା ।

ପୁନଶ୍ଚ ଅହାବିଶ୍‌ର ସରଦାର ହଲିସ୍ ବିନ୍ ଅଲ୍‌କମା କନାନୀ, କୁରୈଶ୍‌ର ପ୍ରତିନିଧି ହୋଇ ମୁସଲମାନମାନଙ୍କ ନିକଟକୁ ଗଲା । ଯେତେବେଳେ ହୁଜୁର[ସ.ଅ] ତାକୁ ନିଜ ଆଡ଼କୁ ଆସୁ ଥିବାର ଦେଖିଲେ ସେତେବେଳେ ହୁଜୁର[ସ.ଅ] କହିଲେ; ଏ ଅମକ ବ୍ୟକ୍ତି ଯେ ଏପରି କବିଲା ସହିତ ସମ୍ପର୍କ ରଖୁଛି ଯେଉଁମାନେ ବଳି ଦିଆଯିବା ପଶୁଗୁଡ଼ିକ ପ୍ରତି ମର୍ଯ୍ୟାଦା ପ୍ରକଟ କରିଥାନ୍ତି ଏବଂ ହୁଜୁର[ସ.ଅ] ସାହାବାଙ୍କୁ କହିଲେ; ତାହା ସମ୍ମୁଖରୁ ଆମେ ବଳି ଦେବାକୁ ଆଣିଥିବା ପଶୁଗୁଡ଼ିକୁ ଅତିକ୍ରମ କରାଅ । ଯେତେବେଳେ ସେ ତାହା ଅବଲୋକନ କଲା ସଙ୍ଗେସଙ୍ଗେ କହି ଉଠିଲା ସୁବ୍‌ହାନଲ୍ଲାଃ ! ଏହି ଲୋକମାନଙ୍କୁ ବୈତୁଲ୍ଲାଃର ପରିକ୍ରମା କରିବାରୁ ତ ବିରତ ରଖିବା ଉଚିତ୍ ନୁହେଁ । ସେ ଆହୁରି କହିଲା ଯେ, ଅଲ୍ଲାଃତାଲା ଏକଥାର ଅନୁମତି ପ୍ରଦାନ କରି ନାହାନ୍ତି ଯେ, ଲଖମ୍, ଜୁଯାମ୍, କନ୍ଦା ଓ ହମିର୍ କବାଇଲ୍ (ଗୋଷ୍ଠୀ)ଙ୍କୁ ତ ହଜ୍ କରିବାର ଅନୁମତି ପ୍ରଦାନ କରାଯିବ କିନ୍ତୁ ଅବ୍ଦୁଲ୍ ମୁତଲିବ୍‌ଙ୍କର ପୁତ୍ରମାନଙ୍କୁ ବୈତୁଲ୍ଲାଃରେ ହଜ୍ କରିବାରୁ ବାରଣ କରାଯିବ । କାବାର ପ୍ରଭୁଙ୍କ ରାଣ ! କୁରୈଶ ନିପାତ ହୋଇଯିବେ । ନିଃସନ୍ଦେହ ରୂପେ ଏମାନେ ଉମ୍‌ରା କରିବାକୁ ଆସିଛନ୍ତି । ଏକଥା ଶୁଣି ହୁଜୁର[ସ.ଅ] କହିଲେ; ଅଲ୍ଲାଃଙ୍କ ରାଣ ! ହେ ବନୁ କନାନ୍‌ର ଭାଇମାନେ ବିଲ୍‌କୁଲ୍ ଏହିପରି କଥା । କୁରୈଶକୁ ଏ ସମସ୍ତ ଘଟଣା ଅର୍ଥାତ ମୁସଲମାନମାନଙ୍କ ଉଦ୍ଦେଶ୍ୟ ବର୍ଣ୍ଣନା କରିବାରେ (ସେମାନେ) ତାହାକୁ ଗାଉଁଲି କହି ତାହାର ସାକ୍ଷ୍ୟକୁ ନଉଜୁବିଲ୍ଲାଃ ! ହୁଜୁର [ସ.ଅ]ଙ୍କର ଏସବୁ ରୀତିମତ ଯୋଜନା ଓ କପୋଳକଳ୍ପିତ ଷଡ଼ଯନ୍ତ୍ର ବୋଲି ଦର୍ଶାଇଲେ । ଏହି ଯାତ୍ରାରେ ହଜରତ କାବ୍ ବିନ୍ ଉଜରାଃଙ୍କୁ (ଅତ୍ୟଧିକ) କଷ୍ଟ ପହଞ୍ଚିବା ହେତୁ ଏହରାମ୍ ଅବସ୍ଥାରେ ତାଙ୍କ ପାଇଁ ମୁଣ୍ଡନ କରିବାର (ନିୟମକୁ) କୋହଳ କରାଯାଇଥିଲା । ଏହିପରି କୁରୈଶ ପକ୍ଷରୁ ବିଭିନ୍ନ ପ୍ରମୁଖ ଲୋକ ବାର୍ତ୍ତାବାହକ ରୂପେ ଆସିଥିବାର ଚର୍ଚ୍ଚା ମିଳୁଅଛି । ସେମାନଙ୍କ ମଧ୍ୟରେ ମିକ୍‌ରଜ୍ ବିନ୍ ହଫସ୍ ମଧ୍ୟ ରହିଛନ୍ତି । ଯେତେବେଳେ ସେ ଆସିଲା ତାହାକୁ ଦେଖି ହୁଜୁର[ସ.ଅ] କହିଲେ; ଏ ଜଣେ ଧୋକାବାଜ୍ ବ୍ୟକ୍ତି ଏବଂ ବର୍ଣ୍ଣନାରେ ତାହାକୁ ମିଥ୍ୟାଚାରୀ ବୋଲି ଦର୍ଶାଯାଇଛି । ଅଧିକନ୍ତୁ ହୁଜୁର[ସ.ଅ] ତାହାକୁ ମଧ୍ୟ ସେହି କଥା କହିଲେ; ଯାହାକି ଉର୍‌ଓ୍ୱା ଓ ବଦିଲ୍‌କୁ କହିଥିଲେ । ପୁନଶ୍ଚ ସେ ନିଜ ସାଥୀମାନଙ୍କ ନିକଟକୁ ଫେରିଗଲା ଏବଂ ସେମାନଙ୍କୁ ସେସବୁ କଥାର ସୂଚନା ଦେଲା ଯାହାକି ହୁଜୁର[ସ.ଅ] ତାହାକୁ କହିଥିଲେ ।

ହଜରତ ମୁହମ୍ମଦ[ସ.ଅ] ନିଜ ଦୂତ (ବାହକ) ଖିରାଶ୍ ବିନ୍ ଉମୈୟାଙ୍କୁ କୁରୈଶ୍ ନିକଟକୁ ପ୍ରେରଣ କଲେ

ଏବଂ ତାଙ୍କ ସହିତ ଦୁର୍ବ୍ୟବହାର ଓ ହତ୍ୟା କରିବାର ଅପଚେଷ୍ଟାର ମଧ୍ୟ ଚର୍ଚ୍ଚା ମିଳୁଅଛି । ସେ ଯାହା ହେଉ ଏପରି ସେମାନ ଶାନ୍ତିଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟି କରିବାର ପରିସ୍ଥିତି ଉପୁଜାଇ ଚାଲିଥିଲେ । ଏସବୁ ସତ୍ତ୍ୱେ ହୁଜୁରସ.ଅ ବରାବର ସେମାନଙ୍କୁ କ୍ଷମା କରିଚାଲି ଥିଲେ । ମକ୍କାବାସୀ ଉତ୍ତେଜିତ ହୋଇ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ଓ ସାହାବାଙ୍କ ଉପରେ ଆକ୍ରମଣ କରିବାର ମନସ୍ଥ କରିନେଲେ । ଏପରିକି ହଜରତ ମୁହମ୍ମଦ ସ.ଅଙ୍କୁ ବଧ କରିବାର ମଧ୍ୟ ଷଡ଼ଯନ୍ତ୍ର ରଚିନେଲେ । କିନ୍ତୁ ମୁସଲମାନମାନଙ୍କ ଚତୁରତା ଫଳରେ ସେହି ଷଡ଼ଯନ୍ତ୍ର ପଣ୍ଡ ହୋଇଗଲା । **ତଥାପି ହୁଜୁରସ.ଅ ସେ ସମସ୍ତଙ୍କୁ କ୍ଷମା କରିଦେଲେ ଓ ସନ୍ଧି କରିବାର ନିଜ ପ୍ରଚେଷ୍ଟା ଅବ୍ୟାହତ ରଖିଲେ ।**

ଅଲ୍ଲାମା (ବିଦ୍ୱାନ) ବେହକି ଉର୍‌ଓାଙ୍କ ମାଧ୍ୟମରେ ବର୍ଣ୍ଣନା କରିଛନ୍ତି, ପୁନଶ୍ଚ ହୁଜୁରସ.ଅ ହଜରତ ଉମର ର.ଅଙ୍କୁ ଡ଼କାଇଲେ ଯଦ୍ୱାରା ତାହାଙ୍କୁ କୁରୈଶ୍ ଆଡକୁ ପ୍ରେରଣ କରିବେ । ଏଥିରେ ସେ କହିଲେ; ହେ ଅଲ୍ଲାଃଙ୍କ ରସୁଲସ.ଅ ! କୁରୈଶ୍ ମୋର ଶତ୍ରୁତା ସହିତ ଅବଗତ । ତେଣୁ ମୋତେ ନିଜ ପ୍ରାଣର ଭୟ ରହିଛି ଏବଂ ବନୁ ଅଦୀ ମଧ୍ୟରୁ କୌଣସି ଜଣେ ହେଲେ ଏପରି ବ୍ୟକ୍ତି ନାହାନ୍ତି ଯେ ମୋତେ ସୁରକ୍ଷା ପ୍ରଦାନ କରି ପାରିବ । ହେ ଅଲ୍ଲାଃଙ୍କ ରସୁଲସ.ଅ ! ଯଦି ଆପଣସ.ଅ ଚାହୁଁଛନ୍ତି ତେବେ ମୁଁ (ସେମାନଙ୍କ ନିକଟକୁ) ଚାଲିଯାଉଛି । ପୁନଃ ସେ କହିଲେ, ହେ ଅଲ୍ଲାଃଙ୍କ ରସୁଲସ.ଅ ! ମୁଁ ଆପଣଙ୍କୁ ଏପରି ଏକ ବ୍ୟକ୍ତି ସଂକ୍ରାନ୍ତରେ ଖବର ଦେବାକୁ ଚାହୁଁଛି ଯାହାର ମକ୍କାବାସୀଙ୍କ ଗହଣରେ ମୋ ଠାରୁ ଅଧିକ ମାନସମ୍ମାନ ରହିଛି ଏବଂ ତାଙ୍କର କୁଟୁମ୍ବ ମଧ୍ୟ ବିଶାଳ । ସେମାନେ ତାଙ୍କର ସୁରକ୍ଷା ମଧ୍ୟ କରିବେ ଏବଂ ସେ ହୁଜୁର ସ.ଅଙ୍କ ବାର୍ତ୍ତାକୁ ଯେପରି ଆପଣ ଚାହୁଁଛନ୍ତି ବେଶ ସୁନ୍ଦର ଭାବରେ ପହଞ୍ଚାଇ ଦେବେ । ସେ ହେଲେ ହଜରତ ଉସମାନ୍ ବିନ୍ ଅଫାନ୍ର.ଅ । ଅତଏବ ହଜରତ ଉସମାନ୍ର.ଅ ଜଣେ ସନ୍ଦେଶବାହକ ରୂପେ ମକ୍କା ଚାଲିଗଲେ ଏବଂ କୁରୈଶ୍‌ର ଜନସମୂହ ସମ୍ମୁଖରେ ହୁଜୁର ସ.ଅଙ୍କର ବାର୍ତ୍ତା ଉପସ୍ଥାପନ କଲେ । କିନ୍ତୁ କୁରୈଶ୍ ନିଜ ଜିଦ୍‌ରେ ଅଟଳ ରହିଲେ ଯେ, ମୁସଲମାନମାନେ ଚଳିତ ବର୍ଷ ମକ୍କାରେ ପ୍ରବେଶ କରିପାରିବେ ନାହିଁ । କୁରୈଶ୍ ବ୍ୟକ୍ତିଗତ ସ୍ତରରେ ହଜରତ ଉସମାନ୍ ର.ଅଙ୍କୁ ବୈତୁଲ୍ଲାଃର ପରିକ୍ରମା କରିବାକୁ ଅନୁମତି ପ୍ରଦାନ କଲେ କିନ୍ତୁ ସେ ତାଙ୍କର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କହିଲେ; ଏହା ତ କୌଣସି ମତେ ସମ୍ଭବ ନୁହେଁ, ଯେ ମୋର ମୁନିବ ମକ୍କା ବାହାରେ ଅଟକି ରହିବେ ଏବଂ ମୁଁ ବୈତୁଲ୍ଲାଃର ପରିକ୍ରମା କରିବି । ତେବେ ହଜରତ ଉସମାନ୍ ର.ଅଙ୍କ ଶତ ଚେଷ୍ଟା ସତ୍ତ୍ୱେ କୁରୈଶ୍ କୌଣସି ମତେ ରାଜି ହେଲେ ନାହିଁ ଏବଂ ଶେଷରେ ହଜରତ ଉସମାନ୍ର.ଅ ମନସ୍ତାପ କରି ଫେରି ଆସିବାର ପ୍ରସ୍ତୁତି କଲେ ।

ଏହି ଅବସରରେ ମକ୍କାର ଦୁଷ୍ଟ ପ୍ରବୃତ୍ତ ଲୋକମାନେ ଏହି ନିଛ ମନ୍ତ୍ରଣା କଲେ ଯେ, ସମ୍ଭବତଃ ଏପରି ଆମେ ସନ୍ଧି କରିବା ସମୟରେ ନିଜ ମନମୁଖି ସର୍ତ୍ତ ନିର୍ଦ୍ଧାରିତ (ପ୍ରଣୟନ) କରି ପାରିବା । ଅତଏବ ସେମାନେ ହଜରତ ଉସମାନ୍ର.ଅ ଓ ତାଙ୍କ ସାଥୀମାନଙ୍କୁ ବନ୍ଦି କରିନେଲେ । ଏତଦ୍ ଦ୍ୱାରା ମୁସଲମାନମାନଙ୍କ ମଧ୍ୟରେ ଏହି ଗୁଜବ ପ୍ରଘଟ ହେଲା ଯେ, ମକ୍କାବାସୀ ହଜରତ ଉସମାନ୍ ର.ଅଙ୍କୁ ନିହତ କରିଦେଇଛନ୍ତି । ଏହି ଖବର ଯେତେବେଳେ ହୁଜୁର ସ.ଅଙ୍କୁ ମିଳିଲା ସେତେବେଳେ ଆପଣ ପ୍ରଚଣ୍ଡ ରୂପେ କ୍ରୋଧିତ ହୋଇ ଉଠିଲେ ଓ ଆପଣ ସ.ଅଙ୍କୁ ଏକ ଭୀଷଣ ଧକ୍କା ଲାଗିଲା । ହୁଜୁରସ.ଅ ସହସା ଘୋଷଣା କରି ସମସ୍ତ ମୁସଲମାନମାନଙ୍କୁ ଏକ ଆକାଶି ଗଛ ତଳେ ଏକତ୍ରିତ କଲେ ଏବଂ କହିଲେ; ଯଦି ଏହି ସୂଚନା ସତ୍ୟ ତେବେ ପରମେଶ୍ୱରଙ୍କ ରାଣ ! ଆମେ ସେପର୍ଯ୍ୟନ୍ତ ହଟିବା ନାହିଁ ଯେପର୍ଯ୍ୟନ୍ତ ଉସମାନ୍ ର.ଅଙ୍କର ପ୍ରତିଶୋଧ ନନେଇଛେ । ସେଥିଅନ୍ତେ ହୁଜୁରସ.ଅ ସାହାବାଙ୍କୁ କହିଲେ; ଆସ ମୋ ହାତରେ ହାତ ରଖି ଯାହାକି ଇସଲାମରେ ବୈଅତ୍ କରିବାର ପ୍ରଚଳିତ ପଦ୍ଧତି, ଏହି ପ୍ରତିଜ୍ଞା କର କି ତୁମମାନଙ୍କ ମଧ୍ୟରୁ କେହି ହେଲେ ମଧ୍ୟ ପଶ୍ଚାତପଦ ଦେବ ନାହିଁ ଏବଂ ନିଜ ପ୍ରାଣ ଉତ୍ସର୍ଗ କରିଦେବ ପଛେ କିନ୍ତୁ ନିଜ ସ୍ଥାନରୁ ପୃଷ୍ଠଭଙ୍ଗ ଦେବ ନାହିଁ । **ଯେତେବେଳେ ହୁଜୁରସ.ଅ ବୈଅତ୍ ନେଉଥିଲା ସେତେବେଳେ ଆପଣ ନିଜ ବାମ ହସ୍ତ ଉପରେ ନିଜ ଦକ୍ଷିଣ ହସ୍ତ ରଖି କହିଲେ ଏହା ଉସମାନ୍‌ର ହସ୍ତ ।** କାରଣ ଯଦି ସେ

ଏଠାରେ ଉପସ୍ଥିତ ଥାନ୍ତେ ତେବେ ସେ ଏହି ପବିତ୍ର କାର୍ଯ୍ୟକ୍ରମରୁ କଦାପି ପଛରେ ଅର୍ଥାତ ବିରତ ରହି ନଥାନ୍ତେ । ଇସଲାମୀୟ ଇତିହାସରେ ଉକ୍ତ ଶପଥ ବୈଅତ୍ ରିଜୱାନ୍ ନାମରେ ସୁପ୍ରସିଦ୍ଧ । ଅର୍ଥାତ ସେହି ବୈଅତ୍ ଯେଉଁଥିରେ ମୁସଲମାନମାନେ ପରମେଶ୍ୱରଙ୍କର ପୂର୍ଣ୍ଣ ପ୍ରୀତିଭାଜନ ରୂପକ ପୁରସ୍କାର ଅର୍ଜନ କରିଥିଲେ । ପବିତ୍ର କୁରଆନରେ ମଧ୍ୟ ଉକ୍ତ ବୈଅତ୍ ବିଶେଷ ଭାବରେ ଉଲ୍ଲେଖ ରହିଛି । ଏଥିରେ ସନ୍ଦେହ ନାହିଁ ଯେ, ବୈଅତ୍ ନିଜ ନୈତିକତା ଦୃଷ୍ଟି କୋଣରୁ ଏକ ମହାନ ବିଜୟ ଥିଲା । କେବଳ ଏଥିପାଇଁ ନୁହେଁ ଯେ, ସେଥିରେ ଆସନ୍ତାରେ ବିଜୟର ଦ୍ୱାର ଉନ୍ମୁକ୍ତ କରି ଦିଆଯାଇଥିଲା, ବରଂ ଏଥି ସକାଶେ କି ଏତଦ୍ ଦ୍ୱାରା ଇସଲାମର ଉତ୍ସର୍ଗୀକୃତ ମନୋଭାବ (ଆତ୍ମା) ଯାହାକି ମୁହମ୍ମଦିୟ ସମ୍ପ୍ରଦାୟର କେନ୍ଦ୍ରବିନ୍ଦୁ (ମୂଳମନ୍ତ୍ର) ଅଟେ । ତାହା ବେଶ୍ ଭବ୍ୟତାର ସହିତ ପ୍ରକାଶ ପାଇଲା । ପ୍ରିୟ ହୁଜୁର ଅନୱରଅ.ବ କହିଲେ; ସୁଲ୍ହା ହୁଦେବିୟାର ଅଧିକ ବ୍ୟାଖ୍ୟା ଇନ୍ନସାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ଶେଷରେ ବିଶ୍ୱର ଉତ୍କଟ ପରିସ୍ଥିତିକୁ ଦେଖି ସଦସ୍ୟବୃନ୍ଦଙ୍କୁ ଦୁଆ କରିବାକୁ ଆହ୍ୱାନ ଜଣାଇ ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ବର୍ତ୍ତମାନ ମୁଁ ଏହା ମଧ୍ୟ କହିବାକୁ ଚାହୁଁଛି ଯେ, ଯେପରିକି ସମସ୍ତେ ଜାଣନ୍ତି ୟୁରୋପ ରେ ମଧ୍ୟ ପରିସ୍ଥିତି ତୀବ୍ରତାର ସହିତ ଯୁଦ୍ଧ ଆଡ଼କୁ ଗତି କରୁଅଛି । ୟୁକ୍ରେନ ଓ ଋଷ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟ ବ୍ୟାପକ ହେବାର ଆଶଙ୍କା ଘନିଭୂତ ହେଉଅଛି । ୟୁରୋପର ବାକି ଦେଶମାନଙ୍କୁ ମଧ୍ୟ ଧମକା ଯାଉଛି । ଅଧିକାଂଶ ବୁଦ୍ଧିଜୀବୀ ଓ ଶାନ୍ତିପ୍ରିୟ ଲୋକମାନେ ତଥା ଲିଡ଼ରମାନେ ଏହାକୁ ନେଇ ଘୋର ଚିନ୍ତିତ । ସେ ଯାହା ହେଉ ଦୁଆ କରିବେ ଅଲ୍ଲାଃତାଲା ସମସ୍ତ ଅହେମଦୀ ଓ ଶାନ୍ତିପ୍ରିୟ ଲୋକମାନଙ୍କୁ ଯୁଦ୍ଧର ଦାଉ ଓ କୁପରିଣାମରୁ ସୁରକ୍ଷିତ ରଖନ୍ତୁ । ଯୁଦ୍ଧରେ ସେମାନେ ଏପରି (ମାରାତ୍ମକ) ଅସ୍ତ୍ର ବ୍ୟବହାର ନକରନ୍ତୁ ଯାହା ଫଳରେ ଆସନ୍ତା ପିଢୀ ପ୍ରଭାବିତ ହେବେ ।

ମୁସଲମାନ ରାଷ୍ଟ୍ରମାନଙ୍କ ସକାଶେ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଓ ଉତ୍ତମ ବୁଝାବଣା ପ୍ରଦାନ କରନ୍ତୁ ଏବଂ ସେମାନେ ସତ୍ୟତାକୁ ହୃଦୟଙ୍ଗମ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଧିକନ୍ତୁ କହିଲେ; ଏଥିପ୍ରତି ମଧ୍ୟ ଧ୍ୟାନ ଆକର୍ଷିତ କରିବାକୁ ଚାହୁଁଛି ଯେ, ପରିସ୍ଥିତି ଯେପରି ତୀବ୍ର ବେଗରେ ଦିନ ପ୍ରତିଦିନ ଶୋଚନୀୟ ହୋଇ ଚାଲିଛି, ଯଦିଚ ପୂର୍ବରୁ ଧ୍ୟାନ ଆକର୍ଷିତ କରିଥିଲି ତଥାପି ପୁନର୍ବାର ସ୍ମରଣ କରାଇ ଦେଉଛି ଯେ, ନିଜ ଘରେ ଦୁଇ/ତିନି ମାସର ରାସନ ଗଚ୍ଛିତ ରଖିବାକୁ ଚେଷ୍ଟା କରିନ୍ତୁ । ଆଉ ପ୍ରଭୁଙ୍କର ପ୍ରସନ୍ନତା ଲାଭ କରିବାକୁ ଚେଷ୍ଟା କରନ୍ତୁ ଏବଂ ତାଙ୍କ ସହିତ ସମ୍ପର୍କ ସ୍ଥାପନ କର ସେଥିରେ ଉନ୍ନତି କରିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱିଲ୍ ଇହ୍‌ସାନି ୱିଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱିଲ୍ ମୁନ୍‌କରି ୱିଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a
22nd November 2024
*Translated to Odia by :* Moulavi Anwar Ahmad Khan